DHARITRI.COM

Vol VIII Issue No.37 Tuesday, 06 February 2007








# କେନ୍ଦ୍ର ପାଇଁ ଓଡ଼ିଶା ଅଲୋଡ଼ା

Click to enlarge text: A A A A

ମାନବ ସମ୍ବଳ ମନ୍ତ୍ରଣାଳୟ ନୁହେଁ, ଅନ୍ୟ କେନ୍ଦ୍ରୀୟ ମନ୍ତ୍ରଣାଳୟ ମଧ୍ୟ ଓଡ଼ିଶା ପାଇଁ ଆଖିବୁଜି ଦେଇଛନ୍ତି । ସାର ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ବିହାର, ଆନ୍ଧ୍ର ପ୍ରଦେଶ, ଗୁଜରାଟ ଓ ପଶ୍ଚିମବଙ୍ଗରେ ଗୋଟିଏ ଲେଖାଏଁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫାର୍ମାସ୍ୟୁଟିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ପ୍ରତିଷ୍ଠା ହେବ । ଆନ୍ଧ୍ର, ତାମିଲନାଡୁ, ଉତ୍ତରପ୍ରଦେଶ, ଦିଲ୍ଲୀ, ପଞ୍ଜାବ, ଗୁଜରାଟ ଓ ପଶ୍ଚିମବଙ୍ଗରେ ଗୋଟିଏ ଲେଖାଏଁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ପବ୍ଲିକ୍ ହେଲ୍‌ଥ ପ୍ରତିଷ୍ଠା ହେବ । ଏସବୁ କ୍ଷେତ୍ରରେ ଓଡ଼ିଶା ବାଦ୍ ପଡିଛି । ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଏଠାରୁ ଚାଲିଯିବା ପ୍ରତିବାଦରେ ଆନ୍ଦୋଳନ କରାଯିବା ଫଳରେ ପ୍ରଧାନମନ୍ତ୍ରୀ ଆସି ଜାତୀୟ ବିଜ୍ଞାନ, ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଶୁଭ ଦେଇଯାଇଛନ୍ତି । ଏଥି ନିମନ୍ତେ କେନ୍ଦ୍ର ସରକାରଙ୍କ ଅଣୁ ମନ୍ତ୍ରଣାଳୟ ୭୫୦ କୋଟି ଟଙ୍କା ବିନିଯୋଗ କରିବ । କିନ୍ତୁ ମାନବ ସମ୍ବଳ ମନ୍ତ୍ରଣାଳୟ ଓଡ଼ିଶା ବଦଳରେ ବିହାର, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରେ ଯେଉଁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି (ଆଇଆଇଟି) ପ୍ରତିଷ୍ଠା କରିବେ ସେଥିପାଇଁ ୪ହଜାର କୋଟି ଟଙ୍କା ଲେଖାଏଁ ବ୍ୟୟ କରାଯିବ । ଏଣୁ କେନ୍ଦ୍ରର ଅବିଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଯାଇଛି । ଏବେ ପ୍ରତିବାଦ କରା ନ ଗଲେ ଏକାଦଶ ପଞ୍ଚବାର୍ଷିକ ଯୋଜନା ଗୃହୀତ ହୋଇଗଲେ ୨୦୧୨ -୧୩ ଯାଏ ଓଡ଼ିଶା ଆଉ ଏସବୁ ପାଇପାରିବ ନାହିଁ । ଫଳରେ ରାଜ୍ୟକୁ ବହୁତ ପସ୍ତାଇବାକୁ ପଡିବ ।

home || next

New York Times Newspaper
Phoenix - Get Home Delivery for as little as $2.99 per week!
www.nytimes.com

Hindu Wedding Photography
Professional Photographer Hindu, Panjabi, Gujarati, Cultural
www.photobyrupesh.com

Ads by Google Advertise on this site

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.